**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**4 October– 2026**

# ଷାଣ୍ଠି କମିଟି ଅଧ୍ୟକ୍ଷ

ଚଳିତ ଆର୍ଥିକ ବର୍ଷ ପାଇଁ ୨୪ଟି ସଂସଦୀୟ ଷ୍ଟାଣ୍ଡି କମିଟିର ପୁର୍ନଗଠନ କରାଯାଇଛି । ସେଥିମଧ୍ୟରୁ ତିନୋଟି ଗୁରୁତ୍ୱପୂର୍ଣ୍ଣ କମିଟିର ଅଧ୍ୟକ୍ଷଭାବେ ଓଡିଶାର ସାଂସଦଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଛି । ଭର୍ତ୍ତୃହରି ମହତାବ ସଂସଦୀୟ ଅର୍ଥ ଷ୍ଟାଣ୍ଡି କମିଟି, ସପ୍ତଗିରି ଉଲ୍ଲାକା' ଗ୍ରାମ ବିକାଶ ଓ ପଞ୍ଚାୟତିରାଜ ଏବଂ ସୁଜିତ କୁମାର ଆଇନ ଓ ନ୍ୟାୟ  ଷାଣ୍ଡି କମିଟିର ଅଧ୍ୟକ୍ଷଭାବେ ମନୋନୀତ ହୋଇଛନ୍ତି ।

# ଇଣ୍ଟର୍ଣ୍ଣସିପ କାର୍ଯ୍ୟକ୍ରମ

ରାଜ୍ୟ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ଇଣ୍ଟର୍ଣ୍ଣସିପ କାର୍ଯ୍ୟକ୍ରମ କୃଷି ଉନ୍ନତ ସହଯୋଗୀର ଶୁଭାରମ୍ଭ କରାଯାଇଛି । ଓୟୁଏଟି କୃଷି ଶିକ୍ଷା ସଦନ ସମ୍ମିଳନୀ କକ୍ଷରେ ଆୟୋଜିତ ସମାରୋହରେ ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏହାର ଉଦ୍‌ଘାଟନ କରିଛନ୍ତି । ଶ୍ରୀ ସିଂହଦେଓ କହିଛନ୍ତି, କୃଷି କ୍ଷେତ୍ରରେ ବିକାଶ ଦିଗରେ ଏଭଳି କାର୍ଯ୍ୟକ୍ରମ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ । ସପ୍ତାହର ସୋମବାରଠାରୁ ଶୁକ୍ରବାର ପର୍ଯ୍ୟନ୍ତ ପ୍ରଶିକ୍ଷାର୍ଥୀ କ୍ଷେତ୍ରସ୍ତରୀୟ ସମୀକ୍ଷା କରିବେ ।

# ରାଜ୍ୟପାଳ-ଖୋର୍ଦ୍ଧା

ଛାତ୍ରଛାତ୍ରୀଙ୍କ ଚରିତ୍ର ଗଠନ, ଦାୟିତ୍ୱବୋଧ ଓ ମର୍ଯ୍ୟାଦାପୂର୍ଣ୍ଣ ଜୀବନଯାପନ କରିବାରେ ଶିକ୍ଷାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି କହିଛନ୍ତି । ଖୋର୍ଦ୍ଧାସ୍ଥିତ ବକ୍ସି ଜଗବନ୍ଧୁ ବିଦ୍ୟାଧର ହାଇସ୍କୁଲର ୧୨୫ତମ ବାର୍ଷିକ ସମାରୋହରେ ଯୋଗଦେଇ ରାଜ୍ୟପାଳ ଭବିଷ୍ୟତପିଢ଼ିଙ୍କୁ ଗଢ଼ିତୋଳିବାରେ ଶିକ୍ଷାଅନୁଷ୍ଠାନର ଗୁରୁତ୍ୱ ଉପରେ ଆଲୋକପାତ କରିଛନ୍ତି । ଏହି ଅବସରରେ ରାଜ୍ୟପାଳ ଛାତ୍ରଛାତ୍ରୀଙ୍କ ସହ ଭାବବିନିମୟ କରିଛନ୍ତି । ଆୟୋଜିତ ଏକ ପ୍ରଦର୍ଶନୀକୁ ମଧ୍ୟ ଉଦ୍‌ଘାଟନ କରିଥିଲେ ।

# ବୈଦ୍ୟୁତିକ ଯାନ ନିୟମ

ଓଡିଶା ବୈଦ୍ୟୁତିକ ଯାନ ନିୟମ-୨୦୨୧ର ବୈଧତାକୁ ଆସନ୍ତା ଡିସେମ୍ବର ଶେଷ ପର୍ଯ୍ୟନ୍ତ ରାଜ୍ୟ ସରକାର ବୃଦ୍ଧି କରିଛନ୍ତି । ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଏ ସଂକ୍ରାନ୍ତ ବିଜ୍ଞପ୍ତି ଜାରି ହୋଇଛି । ପରିବେଶ ଅନୁକୂଳ ବୈଦ୍ୟୁତିକ ଯାନ ବ୍ୟବହାରକୁ ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟ ନେଇ ସରକାରଏହି ନିଷ୍ପତ୍ତି ଗ୍ରହଣ କରିଛନ୍ତି । ୨୦୨୧ ସେପ୍ଟେମ୍ବର ୨ତାରିଖରେ ଆରମ୍ଭ ହୋଇଥିବା ଏହି ନୀତିର ଅବଧିକୁ ବିଭିନ୍ନ ସମୟରେ ସରକାର ବୃଦ୍ଧି କରିଛନ୍ତି ।

# ପ୍ରକଳ୍ପକାର୍ଯ୍ୟ ଯାଞ୍ଚ

ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ୧୦କୋଟି ଟଙ୍କାରୁ ଅଧିକ ମୂଲ୍ୟର ପ୍ରକଳ୍ପଗୁଡିକ କଡାକଡି ଭାବେ ଯାଞ୍ଚ କରିବାକୁ ସମ୍ପୃକ୍ତ  ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏ ନେଇ ପୂର୍ତ୍ତ ବିଭାଗ ମୁଖ୍ୟଯନ୍ତ୍ରୀ ସମସ୍ତ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଚିଠି ମାଧ୍ୟମରେ ଅବଗତ କରିଛନ୍ତି । ଜାରି ରହିଥିବା ପ୍ରକଳ୍ପଗୁଡିକର ସ୍ଥିତି ନେଇ ଯଥାଶୀଘ୍ର ରିପୋର୍ଟ ଦାଖଲ କରିବାକୁ କୁହାଯାଇଛି । ସୂଚନାଯୋଗ୍ୟ ପ୍ରକଳ୍ପ କାର୍ଯ୍ୟର ଗୁଣବତ୍ତାକୁ ସୁନିଶ୍ଚିତ କରିବା ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ଇତିମଧ୍ୟରେ ମାର୍ଗଦର୍ଶିକା ଜାରି ହୋଇଛି ।

# ବ୍ୟବସାୟ ଶିଖର ସମ୍ମିଳନୀ

ଭୁବନେଶ୍ୱରଠାରେ ଓଡିଶା ସ୍ୱାସ୍ଥ୍ୟକର ଚାଉଳ ବ୍ୟବସାୟ ଶିଖର ସମ୍ମିଳନୀ-୨୦୨୬ ଗତକାଲି ଅନୁଷ୍ଠିତ ହୋଇଯାଇଛି । କୃଷି ଓ କୃଷକ ସଶକ୍ତିକରଣ, ମିଶନ ଶକ୍ତି ବିଭାଗ, ଓରମାସ ଓ ଆନ୍ତର୍ଜାତୀୟ ଧାନ ଗବେଷଣା କେନ୍ଦ୍ରର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମ ବଜାର କୈନ୍ଦ୍ରିକ ସ୍ଥାୟୀ ଓ ଭବିଷ୍ୟତ ଉପଯୋଗୀ କୃଷି ବ୍ୟବସ୍ଥା ଗଠନ କରିବାକୁ ଏକ ମଞ୍ଚ ପ୍ରଦାନ କରିଛି । ଏଥିରେ ଚାଷୀ, କୃଷକ ଉତ୍ପାଦନ ସଂଗଠନ, ସ୍ୱୟଂ ସହାୟକ ଗୋଷ୍ଠୀ, ପୋଷଣଯୁକ୍ତ ଚାଉଳ ପ୍ରକ୍ରିୟାକରଣ

ୟୁନିଟ୍, ଶିଳ୍ପୋଦ୍ୟୋଗୀ ଓ ଗବେଷକ ଯୋଗଦେଇ ବିଭିନ୍ନ ପ୍ରସଙ୍ଗ ଉପରେ ମତ ବିନିମୟ କରିଛନ୍ତି ।

## ସମୀକ୍ଷା ବୈଠକ

ଅଷ୍ଟମ ରାଜ୍ୟସ୍ତରୀୟ ନାର୍କୋ ସମନ୍ୱୟ କେନ୍ଦ୍ରର ସମୀକ୍ଷା ବୈଠକ ଗତକାଲି ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ନିଶାଦ୍ରବ୍ୟର ବେଆଇନ କାରବାର ଓ ନିୟନ୍ତ୍ରଣ ସହ ନିଶାମୁକ୍ତ ସମାଜ ଗଠନ ଦିଗରେ ଚାଲିଥିବା ବିଭିନ୍ନ ପଦକ୍ଷେପ ଉପରେ ଆଲୋଚନା ହୋଇଛି ।

## ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ ଜିଲ୍ଲାରେ ଶିଶୁ ଶ୍ରମପ୍ରଥା ଉଚ୍ଛେଦ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସାତୋଟି ବ୍ଲକର ମନୋନୀତ ସାତୋଟି ଗ୍ରାମରେ ଜିଲ୍ଲା ଶ୍ରମ ବିଭାଗ ଓ ସ୍ଥାନୀୟ ପ୍ରଶାସନ ପକ୍ଷରୁ ପଦଯାତ୍ରା ଆୟୋଜନ ମାଧ୍ୟମରେ ଲୋକଙ୍କୁ ଶିଶୁ ଶ୍ରମ ପ୍ରଥା ଉଚ୍ଛେଦ ନେଇ ଅବଗତ କରାଯାଇଛି ।

# ଟିକାକରଣ ଅଭିଯାନ

ଗଞ୍ଜାମ ଜିଲ୍ଲାରେ ସମ୍ପୂର୍ଣ୍ଣ ଟିକାକରଣ ଅଭିଯାନ ଅଧୀନରେ ଏପ୍ରିଲରୁ ଅଗଷ୍ଟ ମାସ ମଧ୍ୟରେ ଟିକାପ୍ରଦାନ ୮୯ ପ୍ରତିଶତ ହୋଇଥିବା ଜଣାପଡିଛି । ଛତ୍ରପୁରସ୍ଥିତ ଜିଲ୍ଲା ପରିଷଦ ରୁଷିକୁଲ୍ୟା ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଭି. କୀର୍ତ୍ତିଭାସନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ସୂଚନା ମିଳିଛି । ଏହି ଅବସରରେ ଜାତୀୟ ସ୍ୱାସ୍ଥ୍ୟମିଶନ-୨୦୨୬-୨୭ର କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ଯୋଜନା ପୁସ୍ତକ' ଉନ୍ମୋଚିତ ହୋଇଛି ।

# ସେବା ଜ୍ୟୋତି ଯାତ୍ରା

ସେବା ସଂକଳ୍ପ ଅଭିଯାନ -୨୦୨୬ ଆଧାରରେ ସୁବର୍ଣ୍ଣପୁର ଜିଲ୍ଲାସ୍ତରୀୟ ସେବା ଜ୍ୟୋତି ଯାତ୍ରା ଆସନ୍ତା ୭ତାରିଖରେ ଅନୁଷ୍ଠିତ ହେବା ନେଇ ନିଷ୍ପତ୍ତି ହୋଇଛି । ଏହାର ଆୟୋଜନ ନେଇ ଏକ ପ୍ରସ୍ତୁତି ବୈଠକ ଗତକାଲି ଅନୁଷ୍ଠିତ ହେବା ସହ ରୂପରେଖ ଚୂଡାନ୍ତ ହୋଇଛି । ମା' ସୁରେଶ୍ୱରୀ ମନ୍ଦିରଠାରୁ ପୂର୍ବାହ୍ନ ୮ଟାରୁ ଏହି ଯାତ୍ରା ଆରମ୍ଭ ହୋଇ ସୋନପୁର କଲେଜଠାରେ ପହଞ୍ଚିବ । ସେଠାରେ ବିକଶିତ ଭାରତ ସଂକଳ୍ପ ସଭା ଅନୁଷ୍ଠିତ ହେବାର କାର୍ଯ୍ୟସୂଚୀ ରହିଛି ।

# ତୃତୀୟ ପର୍ଯ୍ୟାୟ ଗଣେଶ ଭସାଣ

କଟକ ସହରରେ ଆଜି ତୃତୀୟ ପର୍ଯ୍ୟାୟ ଗଣେଶ ଭସାଣ ସମାରୋହ ଅନୁଷ୍ଠିତ ହେବ। ଏଥିପାଇଁ କମିଶନରେଟ ପୋଲିସ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି । ଏହି ପର୍ଯ୍ୟାୟରେ ୨୮୭ଟି ଗଣେଶ ମୂର୍ତ୍ତି ବିସର୍ଜନ ନେଇ ନିଷ୍ପତ୍ତି ହୋଇଛି । ଆସନ୍ତା ୧୧ତାରିଖରେ ଚତୁର୍ଥ ତଥା ଅନ୍ତିମ ପର୍ଯ୍ୟାୟ ଭସାଣ ଉତ୍ସବ ଅନୁଷ୍ଠିତ ହେବ । ଭସାଣରେ ଡିଜେ ଓ ବାଣଫୁଟା ଆଦିକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଥିବା ବେଳେ ରାତି ୧୦ଟା ପରେ ଭସାଣ ସମାରୋହ ବନ୍ଦ ରଖିବା ନେଇ ନିଷ୍ପତ୍ତି ହୋଇଛି ।

# ଏସିଆନ୍ ଗେମ୍ସ

ଜାପାନର ଆଇଚି-ନାଗୋୟାରେ  ଚାଲିଥିବା ଏସୀୟ କ୍ରୀଡ଼ା ୨୦୨୬ର ଆଜି ଉଦ୍‌ଯାପିତ ହେବ । ନାଗୋୟା ସିଟି ମିଜୁହୋ ପାର୍କ ଆଥଲେଟିକ୍ ଷ୍ଟାଡିୟମ୍‌ରେ ଏହି ସମାରୋହ ଭାରତୀୟ ସମୟ ଅନୁଯାୟୀ ସନ୍ଧ୍ୟା ୬ଟାରୁ ଆରମ୍ଭ ହେବ।  ଏସୀୟ କ୍ରୀଡ଼ାରେ ଭାରତ ଚମତ୍କାର ପ୍ରଦର୍ଶନ କରି ଏପର୍ଯ୍ୟନ୍ତ ୮୫ଟି ପଦକ ହାସଲ କରି ତାଲିକାରେ ଚତୁର୍ଥ ସ୍ଥାନରେ ରହିଛି।